# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 August – 2026

**********************************

## ମୁଖ୍ୟ ସମ୍ବାଦ

- ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

- ଆକାଶମାର୍ଗରୁ ବନ୍ୟାଞ୍ଚଳର ସ୍ଥିତି ଆକଳନ କଲେ ମୁଖ୍ୟମନ୍ତ୍ରୀ

– ବନ୍ୟା ଯୋଗୁଁ ୮ ଲକ୍ଷ ଲୋକ ପ୍ରଭାବିତ

– ତିନିଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପାଇଁ ଦେଲେ ନିର୍ଦ୍ଦେଶ

- ରାଜ୍ୟରେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପାଳନ କରଯାଉଛି ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଏବଂ

- ସମ୍ବଲପୁରୀ ଭାଷା, ସାହିତ୍ୟ ଓ ହସ୍ତତନ୍ତକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ପଶ୍ଚିମ ଓଡ଼ିଶାବାସୀ ପାଳନ କରୁଛନ୍ତି ସମ୍ବଲପୁରୀ ଦିନ୍

English Pool

# ରାଷ୍ଟ୍ରପତି ଅନୁମୋଦନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬କୁ ଅନୁମୋଦନ ପ୍ରଦାନ କରିଛନ୍ତି। ଗତ ଗୁରୁବାର ଦିନ ଏହି ବିଧେୟକ ସଂସଦର ମଞ୍ଜୁରୀ ଲାଭ କରିଥିଲା। ପରୀକ୍ଷା ବ୍ୟବସ୍ଥାରେ ଅନିୟମିତତା କ୍ଷେତ୍ରରେ କଠୋର ଦଣ୍ଡବିଧାନ କରିବା ଏବଂ ସମ୍ପୃକ୍ତ ମାମଲାଗୁଡ଼ିକର ବିଚାର ଲାଗି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରିବା ଭଳି ବ୍ୟବସ୍ଥା ଏହି ବିଧେୟକରେ ରହିଛି।

Desk

# ବନ୍ୟା-୧

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା କରିଛନ୍ତି । ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ୨ ଲକ୍ଷ ୬୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୧୭ଟି ଓଡ୍ରାଫ, ୭ଟି ଏନ୍.ଡି.ଆର୍.ଏଫ୍, ୧୨୯ଟି ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି–ଏସ୍.ଡି.ଆର.ଏଫ୍. ପକ୍ଷରୁ ୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନଦୀରେ ପାଣି ହ୍ରାସ ପାଇବା ଆରମ୍ଭ ହୋଇଛି। ପାଣି ଛାଡ଼ିବାର ୩ ଦିନ

ମଧ୍ୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ୧୨ଟି ବ୍ଲକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର’ ମୁଖ୍ୟମନ୍ତ୍ରୀଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି।

ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସମସ୍ତ ନିୟୋଜିତ ଟିମ୍ ମଧ୍ୟରେ ନିରନ୍ତର ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରାଯାଉଛି। ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ସହ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଛନ୍ତି। ବନ୍ୟାଜଳ ଛାଡିବାର ୭୨ଘଣ୍ଟା ମଧ୍ୟରେ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଅଞ୍ଚଳର ଜିଲ୍ଲାପାଳମାନଙ୍କୁ ରିପୋର୍ଟ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ସମସ୍ତ ଜିଲ୍ଲାରେ ଚାଉଳ ମହଜୁଦ ରହିଛି। ଚାଉଳ ବଣ୍ଟନରେ କୌଣସି ସମସ୍ୟା ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ବନ୍ୟା ଯୋଗୁଁ ବିଭିନ୍ନ ସ୍ଥାନରେ ମାଟି ଘର ନଷ୍ଟ ହୋଇଛି। ପଞ୍ଚାୟତିରାଜ ବିଭାଗର ଅଧିକାରୀଙ୍କୁ ତୃଣମୂଳସ୍ତରକୁ ଯାଇ ଘଟଣାର ଅନୁଧ୍ୟାନ କରିବାକୁ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ ନିର୍ଦ୍ଦେଶ ଦେଇଛନ୍ତି। ତିନିଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ମନ୍ତ୍ରୀ ଶ୍ରୀ ନାଏକ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି।

ବନ୍ୟାରେ ୯ଟି ଜିଲ୍ଲାର ୪ ଲକ୍ଷ ୮୮ ହଜାର ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ୨୪୫ଟି ସ୍ଥାନରେ ୫୮ଟି ଭେଟନାରୀ ଟିମ୍ ନିୟୋଜିତ ଅଛନ୍ତି। ୧୫ ହଜାର ପଶୁଙ୍କୁ ଚିକିତ୍ସା ସହ ୨୬୩ ମେଟ୍ରିକ ଟନ୍ ଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫ ଦଶମିକ ୪/୫ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୭୩ ହଜାର ୧୮୪ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୨୨ଟି ଗେଟ୍ ଦେଇ ୩ ଲକ୍ଷ ୮୫ ହଜାର ୮୯୩ ଘନଫୁଟ ଜଳ ନିଷ୍କାସିତ ହେଉଛି।

Bhadrak

## ବନ୍ୟା-୨

ଚଳିତ ବନ୍ୟାରେ ରାଜ୍ୟର ୧୫ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ କେତେକ ଅଞ୍ଚଳରେ ବନ୍ୟାଜଳ ଯୋଗୁଁ ଚାଷ ଜମି ଜଳମଗ୍ନ

ହେବା ସହ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଭଦ୍ରକ ଜିଲ୍ଲାରେ ସାଳନ୍ଦୀ ଓ ବୈତରଣୀ ନଦୀରେ ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଜିଲ୍ଲାର ୬ଟି ବ୍ଲକ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବନ୍ୟାଞ୍ଚଳରେ ଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

BBSR/R

## ମହାନଦୀ ଜଳବିବାଦ

ମହାନଦୀ ଜଳ ବିବାଦର ସମାଧାନ ଆସନ୍ତା ୩ ମାସ ମଧ୍ୟରେ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶାବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀଠାରେ ଜଳଶକ୍ତି ମନ୍ତ୍ରୀ ସି.ଆର ପାଟିଲଙ୍କ ସହ ବୈଠକ ପରେ ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରି ଆଜି ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛତିଶଗଡ଼ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି। ଓଡ଼ିଶାର ସ୍ୱାର୍ଥ୍ୟ, ଅଧିକାର ଓ ଚାଷୀମାନଙ୍କର ହିତକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। କୌଣସି ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରାଯିବ ନାହିଁ ବୋଲି ଜଳଶକ୍ତି ମନ୍ତ୍ରୀ ଶ୍ରୀ ପାଟିଲ କହିଛନ୍ତି। ବୈଷୟିକ ଦଳ ଆସନ୍ତା ୩ ମାସ ମଧ୍ୟରେ ବିବାଦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ। କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତାରେ ଜଳବିବାଦର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଶ୍ୱ ସ୍ତନ୍ୟପାନ ଦିବସ

ରାଜ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନକୁ ପ୍ରାଥମିକତା ଦେବା ସହିତ ଏ ସମ୍ପର୍କିତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଶିଶୁମାନଙ୍କ ସଠିକ୍ ଶାରିରୀକ ବୃଦ୍ଧି ସହ ବୁଦ୍ଧିମତ୍ତା ବଢ଼ାଇବାରେ ମା' କ୍ଷୀରର ପ୍ରମୁଖ ଭୂମିକା ରହିଥାଏ। ଜନ୍ମ ହେବାର ୧ ଘଣ୍ଟା ମଧ୍ୟରେ ଶିଶୁକୁ ମା' କ୍ଷୀର ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଜଣେ ଶିଶୁକୁ କେବଳ ମା'କ୍ଷୀର ଏବଂ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ସହ ପରିପୂରକ ଖାଦ୍ୟ ଦିଆଗଲେ ଶିଶୁର ଶାରିରୀକ ଓ ମାନସିକ ଅଭିବୃଦ୍ଧି ଘଟିଥାଏ ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ଦିବସ ଅବସରରେ କହିଛନ୍ତି, ଶିଶୁର ସୁସ୍ଥ ଜୀବନର ଶୁଭାରମ୍ଭ, ମା'ର ସ୍ନେହ ଓ ସ୍ତନ୍ୟପାନରୁ ହୋଇଥାଏ। ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେଇ ସୁସ୍ଥ, ସଶକ୍ତ, ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଛନ୍ତି।

ଫୁସ୍‌ଫୁସ୍ କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଫୁସ୍‌ଫୁସ୍ କ୍ୟାନ୍‌ସର ଦିବସ ମଧ୍ୟ ପାଳନ କରାଯାଉଛି ।

## ସମ୍ବଲପୁରୀ ଦିନ୍

କୋଶଲୀ-ସମ୍ବଲପୁରୀ ଭାଷା ସାହିତ୍ୟର ଅନନ୍ୟ କବି ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ୍ ଆଜି ପାଳନ କରାଯାଉଛି। ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ କବି ଶ୍ରୀ ବହିଦାରଙ୍କ ଅବଦାନ ଅବିସ୍ମରଣୀୟ। ସମ୍ବଲପୁରର କଚେରୀଛକ, ଗଙ୍ଗାଧର ମଣ୍ଡପ ଏବଂ ଅଲଗା ଅଲଗା ସ୍ଥାନ ମାନଙ୍କରେ ସମ୍ବଲପୁରୀ ଦିନ ପାଳନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ସମ୍ବଲପୁର ଦିନ୍ ପାଳନ କରାଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ସମ୍ବଲପୁରୀ ଭାଷା, ସଂସ୍କୃତି, ଲୋକକଳା, ଲୋକଗୀତ, ନୃତ୍ୟ, ହସ୍ତତନ୍ତ ବୁଣାକାର୍ଯ୍ୟ ଓ ପରମ୍ପରା’ ରାଜ୍ୟର ଗୌରବ ଏବଂ ପରିଚୟ। ପିଢ଼ି ପରେ ପିଢ଼ି ଏହି ସମୃଦ୍ଧ ଐତିହ୍ୟ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖି ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ଜଣାଇଛନ୍ତି।

ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛାରେ କହିଛନ୍ତି, ଓଡ଼ିଶାରେ ସମ୍ବଲପୁରୀ ଭାଷା, ସଂସ୍କୃତି, ସଭ୍ୟତା, ଆହାର, ପରିଧାନ

ଏବଂ ବାଦ୍ୟକଳାର ଏକ ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ରହିଛି। ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ନୂତନ ଉଚ୍ଚତା ଏବଂ ସ୍ତରକୁ ନେବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ। ନିଜର ଭାଷା, ସଂସ୍କୃତି ଓ ସଭ୍ୟତାର ସଂରକ୍ଷଣ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Desk

## ଗ୍ରାମୀଣ ଅର୍ଥନୀତି

ରାଜ୍ୟରେ ସମବାୟ ସଂସ୍ଥାକୁ ସୁଦୃଢ଼ ଓ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଙ୍କଜ କୁମାର ବଂଶଲ' କଟକ ଏବଂ ଢେଙ୍କାନାଳ ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି– ପ୍ୟାକ୍ସ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଋଣ ପ୍ରଦାନ ଯୋଜନା, ବ୍ୟବସାୟିକ ବିବିଧିକରଣ ଏବଂ ଆଗାମୀ ଦିନରେ ସମବାୟ ସଂସ୍ଥାଗୁଡ଼ିକୁ ମଜଭୁତ କରିବା ପାଇଁ ଭବିଷ୍ୟତ ରଣନୀତି ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ଶ୍ରୀ ବଂଶଲ ଢେଙ୍କାନାଳ ଜିଲ୍ଲା ଗେଙ୍ଗୁଟିଆ ପ୍ୟାକ୍ସ ଗସ୍ତ କରି ସମିତି ଦ୍ୱାରା ପରିଚାଳିତ ବହୁମୁଖୀ ବ୍ୟବସାୟିକ କାର୍ଯ୍ୟ, ଖାଉଟି ଷ୍ଟୋର, ଗ୍ୟାସ ଏଜେନ୍ସି, ସାର ଓ ବିହନ ଯୋଗାଣ ଏବଂ ଧାନ ସଂଗ୍ରହ କାର୍ଯ୍ୟର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ ରାଉତ, ଡି.ଆର.ସି.ଏସ୍. ସୁପ୍ରିୟା ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

# ବିକଶିତ ଭାରତ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚାକୁଣ୍ଡାପାଳ ଗ୍ରାମରେ ବିକଶିତ ଭାରତ– ଜି.ରାମ.ଜି ଆଇନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଅଖିଳ କୁମାର ନାୟକ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ଭି.ବି.-ଜି.ରାମ.ଜି. ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସୂଚନା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

Desk

# ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆଜି ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ଏ ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି । କୁମ୍ଭୀର ପ୍ରଜନନ ପାଇଁ ଗତ ମେ’ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ତିନି ମାସ ଧରି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିଥିଲା ।

# ଅପରାଧ ନିୟନ୍ତ୍ରଣ ବୈଠକ

ଗଜପତି ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା ଉଦ୍ଦେଶ୍ୟରେ ପୋଲିସ ବିଭାଗ ଓ ସରକାରୀ ଓକିଲଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ମାମଲାର ତଥ୍ୟାବଳୀ ପ୍ରସ୍ତୁତି ଏବଂ ତଦନ୍ତ ପ୍ରକ୍ରିୟାରେ ରହିଥିବା ତ୍ରୁଟି ସୁଧାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିବା ଜଣାପଡ଼ିଛି ।